# NATIONAL NEWS BULLETIN (ODIA)

**4 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନ୍‌ଙ୍କ ୮୧ବର୍ଷ ବୟସରେ ପରଲୋକ ।
- ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ଗଭୀର ଶୋକପ୍ରକାଶ ।
- ବିରୋଧୀଦଳ ଗୁଡ଼ିକ ପକ୍ଷରୁ ହଟ୍ଟଗୋଳ ଜାରି ରହିବାରୁ ଲୋକସଭା ଅପରାହ୍ଣ ୨ଟା ଯାଏଁ ମୁଲତବୀ ।
- ଭାରତୀୟ ସେନା ବିଷୟରେ ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ବିରୋଧୀଦଳ ଦଳ ନେତା ରାହୁଲ ଗାନ୍ଧୀଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କଲେ ସୁପ୍ରିମକୋର୍ଟ ।
- ପାକିସ୍ତାନରେ ବର୍ଷା ଓ ଭୂସ୍ଖଳନ ଯୋଗୁଁ ଏପର୍ଯ୍ୟନ୍ତ ୩୦୦ରୁ ଅଧିକ ମୃତ, ୭୧୫ ଆହତ ।

ଏବଂ

- ଆଣ୍ଡରସନ ତେନ୍ଦୁଲକର ଟ୍ରଫିର ପଞ୍ଚମ ଟେଷ୍ଟମ୍ୟାଚ୍‌ର ଆଜି ଶେଷ ଦିନରେ ୩ଶହ ଅଣଚାଳିଶ ରନ୍‌ରୁ ଦ୍ୱିତୀୟ ଇନିଂସ୍ ଜାରି ରଖିବ ଇଂଲଣ୍ଡ ।

# ଶିବୁ ସୋରେନ୍ ଡେଥ୍

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନ୍ଙ୍କର ଆଜି ସକାଳେ ନୂଆଦିଲ୍ଲୀରେ ୮୧ବର୍ଷ ବୟସରେ ପରଲୋକ ଘଟିଛି । ରାଜ୍ୟସଭା ସାଂସଦ ଶିବୁ ସୋରେନ୍ କିଡ୍ନୀ ରୋଗରେ ପୀଡିତ ଥିଲେ ଏବଂ ପ୍ରାୟ ଏକମାସ ପୂର୍ବେ ତାଙ୍କର ହୃଦ୍‌ଘାତ ହୋଇଥିଲା । ସେବେଠାରୁ ସେ ଦିଲ୍ଲୀସ୍ଥିତ ସାର୍ ଗଙ୍ଗାରାମ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ ।

ଶିବୁ ସୋରେନ୍ଙ୍କ ପରଲୋକରେ ଝାଡ଼ଖଣ୍ଡରେ ଆଜିଠାରୁ ଅଗଷ୍ଟ ୬ ତାରିଖ ପର୍ଯ୍ୟନ୍ତ ୩ ଦିନିଆ ଶୋକ ପାଳନ କରାଯିବ । ସମସ୍ତ ସରକାରୀ କାର୍ଯ୍ୟାଳୟ ଆସନ୍ତା କାଲି ଓ ୫ ତାରିଖ ଦିନ ବନ୍ଦ ରହିବ । ଇତିମଧ୍ୟରେ ଝାଡ଼ଖଣ୍ଡ ବିଧାନସଭାର ମୌସୁମୀ ଅଧିବେଶନକୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି । ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ଙ୍କ ପିତା ଶିବୁ ସୋରେନ୍ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଦଳର ଅଧ୍ୟକ୍ଷ ଥିଲେ ।

# ଶିବୁସୋରେନ କଣ୍ଡୋଲେନ୍ସ

ଶିବୁ ସୋରେନ୍ଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଶୋକପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ଶ୍ରୀ ସୋରେନ୍ଙ୍କ ପରଲୋକ ସାମାଜିକ ନ୍ୟାୟ

କ୍ଷେତ୍ରରେ ଏକ ବଡ କ୍ଷତି । ସେ ଜନଜାତିଙ୍କ ପରିଚୟ ଥିଲେ ଏବଂ ଝାଡ଼ଖଣ୍ଡ ରାଜ୍ୟ ଗଠନରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା । ରାଷ୍ଟ୍ରପତି କହିଛନ୍ତି ଆଦିବାସୀ ସଂପ୍ରଦାୟର କଲ୍ୟାଣ ଦିଗରେ କାର୍ଯ୍ୟ କରୁଥିବା ଶିବୁ ସୋରେନ୍‌ଙ୍କ କାର୍ଯ୍ୟ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି । ଜଣେ ତୃଣମୂଳସ୍ତରୀୟ ନେତା ଭାବରେ ଶିବୁ ସୋରେନ୍ ସାଧାରଣ ଜୀବନରେ ଲୋକଙ୍କ ପ୍ରତି ଯେଉଁ ସମର୍ପଣ ଭାବ ପ୍ରଦର୍ଶନ କରିଯାଇଛନ୍ତି ତାହା ଅପୂରଣୀୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଶ୍ରୀ ମୋଦୀ ସୋରେନ୍‌ଙ୍କ ପରିବାର ଏବଂ ପ୍ରଶଂସକମାନଙ୍କୁ ସମବେଦନା ଜଣାଇଛନ୍ତି । ସେ ମଧ୍ୟ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ସହ କଥାହୋଇ ଶୋକପ୍ରକାଶ କରିଛନ୍ତି ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଦେହାନ୍ତରେ ଶୋକପ୍ରକାଶ କରି ତାଙ୍କୁ ଦେଶର ଜଣେ ବରିଷ୍ଠ ନେତା ଭାବେ ଅଭିହିତ କରିଛନ୍ତି । ସମାଜର ଦୁର୍ବଳ ବର୍ଗ ବିଶେଷକରି ଆଦିବାସୀ ସଂପ୍ରଦାୟର ଅଧିକାର ଏବଂ ସଶକ୍ତିକରଣ ପାଇଁ ସେ ଜୀବନସାରା ସଂଘର୍ଷ କରିଥିଲେ ।

# ଲୋକସଭା ଆଡଜର୍ଣ୍ଣଡ

ବିରୋଧୀଦଳ ଗୁଡ଼ିକପକ୍ଷରୁ ହଟ୍ଟଗୋଳ ଜାରି ରହିବାରୁ ଲୋକସଭାକୁ ଆଜି ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳ ଆରମ୍ଭ କରିବା ଲାଗି ଚେଷ୍ଟା କରିଥିଲେ ମଧ୍ୟ ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନକୁ ପ୍ରତ୍ୟାହାର କରିବା ଏବଂ ଅନ୍ୟ କେତେକ ଦାବିନେଇ ବିରୋଧୀଦଳଗୁଡ଼ିକ ପକ୍ଷରୁ ହଟ୍ଟଗୋଳ ଆରମ୍ଭ ହୋଇଥିଲା । ଶ୍ରୀ ବିର୍ଲା ବିରୋଧୀଦଳ ଗୁଡ଼ିକୁ ପ୍ରଶ୍ନକାଳ ଚଳାଇ ରଖିବା ଲାଗି ଆହ୍ୱାନ ଦେଇଥିଲେ ମଧ୍ୟ ବିରୋଧୀଦଳ ଏଥିପ୍ରତି କର୍ଣ୍ଣପାତ କରିନଥିଲେ । ଶ୍ରୀ ବିର୍ଲା କହିଥିଲେ...

**V/O (Omm Birla)**

ହଟ୍ଟଗୋଳ ଜାରି ରହିବାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ । ହଟ୍ଟଗୋଳ ମଧ୍ୟରେ ଶ୍ରମ ଓ ନିଯୋଜନ ମନ୍ତ୍ରୀ ମନସୁଖ ମାଣ୍ଡବୀୟ ସରକାରୀ କ୍ଷେତ୍ର କମ୍ପାନୀ ଗୁଡ଼ିକରେ ନିଯୁକ୍ତି ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇଥିଲେ ।

# ଆର୍‌ଏସ୍‌-ଶିବୁ ସୋରେନ

ରାଜ୍ୟସଭାର ସଦସ୍ୟ ଶିବୁ ସୋରେନଙ୍କ ପରଲୋକ ଯୋଗୁଁ ରାଜ୍ୟସଭାକୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଛି । ରାଜ୍ୟସଭାର ସଦସ୍ୟମାନେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ

ମୁକ୍ତିମୋର୍ଚ୍ଚା ଦଳର ପ୍ରତିଷ୍ଠାତା ଶିବୁ ସୋରେନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ’ ଶିବୁ ସୋରେନ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେ କହିଥିଲେ ଶ୍ରୀ ସୋରେନ୍ ଜଣେ ବରିଷ୍ଠ ଏବଂ ପ୍ରମୁଖ ଆଦିବାସୀ ନେତା ଥିଲେ । ସେ ଆଦିବାସୀ ସଂପ୍ରଦାୟର ବିକାଶ ଏବଂ ଅଧିକାର ଲାଗି ସଂଘର୍ଷ କରିଥିଲେ । ଶିବୁ ସୋରେନ୍ ଦଳିତଙ୍କ ଅଧିକାର ଲାଗି ସାରା ଜୀବନ କାର୍ଯ୍ୟ କରିଥିଲେ ବୋଲି ଶ୍ରୀ ହରିବଂଶ କହିଛନ୍ତି ।

**V/O (Haribans Sibu Soren)**

ରାଜ୍ୟସଭା ଉପାଧ୍ୟକ୍ଷ କହିଛନ୍ତି ଶିବୁ ସୋରେନ୍ ଲୋକସଭାକୁ ୮ଥର ନିର୍ବାଚିତ ହୋଇଥିବାବେଳେ ୩ଥର ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ରହିଥିଲେ । ଝାଡ଼ଖଣ୍ଡ ରାଜ୍ୟ ଗଠନରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା । ପରେ ରାଜ୍ୟସଭାରେ ଦିବଂଗତ ନେତାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା ।

## ଏସ୍‌ସି-ରାହୁଲ ଗାନ୍ଧୀ

୨୦୨୦ ମସିହାରେ ଚୀନ୍ ସହିତ ଗଲୱାନ ଉପତ୍ୟକାରେ ସଂଘର୍ଷ ପରିପ୍ରେକ୍ଷୀରେ ଭାରତୀୟ ସେନା ବିଷୟରେ ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ସୁପ୍ରିମକୋର୍ଟ ଆଜି ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି ମାମଲାରେ

ରାହୁଲ ଗାନ୍ଧୀଙ୍କ ବକ୍ତବ୍ୟ ପ୍ରତି ଅସମ୍ମତି ପ୍ରକାଶ କରି ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ମୌଖୀକ ମନ୍ତବ୍ୟ ଦେଇଛନ୍ତି । ବିଚାରପତି ଦୀପଙ୍କର ଦତ୍ତା ଏବଂ ଏ.ଜି. ମାସିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ବିରୋଧୀଦଳ ନେତା ଭାବରେ ଶ୍ରୀ ଗାନ୍ଧୀ ସାମାଜିକ ଗଣମାଧ୍ୟମ ପରିବର୍ତ୍ତେ ସଂସଦରେ ପ୍ରଶ୍ନ କରିବା ଉଚିତ୍ । ବିଚାରପତି ଜଷ୍ଟିସ ଦତ୍ତା କହିଛନ୍ତି ଭାରତର ୨ହଜାର ବର୍ଗ କିଲୋମିଟର ଅଞ୍ଚଳ ଚୀନ୍ ଦ୍ୱାରା ଦଖଲ କରାଯାଇଥିବା ନେଇ ଗାନ୍ଧୀଙ୍କ ଦାବି ଗ୍ରହଣୀୟ ନୁହେଁ । ପୂର୍ବତନ ବି.ଆର୍.ଓ ନିର୍ଦ୍ଦେଶକଙ୍କ ଦ୍ୱାରା ଦାୟର ଫୌଜଦାରୀ ମାନହାନି ମାମଲାକୁ ସ୍ଥଗିତ ରଖିବା ସହିତ ସୁପ୍ରିମକୋର୍ଟ ଆହ୍ଲାବାଦ ହାଇକୋର୍ଟଙ୍କ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବାକୁ ମନା କରିବା ବିରୁଦ୍ଧରେ ଶ୍ରୀ ଗାନ୍ଧୀଙ୍କ ଆବେଦନ ଉପରେ ନୋଟିସ୍ ଜାରି କରିଥିଲେ । ୩ ସପ୍ତାହ ପାଇଁ ଏହି ମାମଲାର ବିଚାର କାର୍ଯ୍ୟ ସ୍ଥଗିତ ରହିଥିଲା ।

## ପାର୍ଲ୍ୟାମେଣ୍ଟ-ମାଣ୍ଡବୀୟ ଲୋକସଭା

କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡବୀୟ କହିଛନ୍ତି ରୋଜଗାର ମେଳା ଅଧୀନରେ ଗତ ୧୬ମାସରେ ୧୧ଲକ୍ଷରୁ ଅଧିକ ଆଶାୟୀ ନିଯୁକ୍ତି ପାଇଛନ୍ତି । ଲୋକସଭାରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମାଣ୍ଡବୀୟ କହିଛନ୍ତି ଆର୍‌ବିଆଇର ସୂଚନା ଅନୁଯାୟୀ ଗତ ଦଶନ୍ଧି ମଧ୍ୟରେ ୧୭କୋଟିରୁ ଅଧିକ ଯୁବକଯୁବତୀ ନିଯୁକ୍ତି

ପାଇଛନ୍ତି । ସେ କହିଛନ୍ତି ୟୁପିଏ ସରକାରଙ୍କ ଅମଳରେ ମାତ୍ର ୩ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥିଲା । ଆଗାମୀ ୫ ବର୍ଷରେ ୪ କୋଟିରୁ ଅଧିକ ନିଯୁକ୍ତି ସୃଷ୍ଟି ପାଇଁ ପ୍ରଧାନମନ୍ତ୍ରୀ ବିକାଶ ଭାରତ ରୋଜଗାର ଯୋଜନା ଅଧୀନରେ ୨ଲକ୍ଷ କୋଟି ଟଙ୍କା ଆବଣ୍ଟନ କରାଯାଇଛି ।

**V/O (Mandaviya)**

ଶ୍ରୀ ମାଣ୍ଡବୀୟ କହିଛନ୍ତି ୟୁପିଏ ସରକାରଙ୍କ ସମୟରେ କୃଷି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ୧୬ ପ୍ରତିଶତ କମ୍ ଥିବାବେଳେ ଏନ୍‌ଡିଏ ସରକାରଙ୍କ ସମୟରେ ଏହା ୧୯ ପ୍ରତିଶତକୁ ବୃଦ୍ଧି ପାଇଛି । ସେହିଭଳି ଉତ୍ପାଦନ କ୍ଷେତ୍ରରେ ୨୦୦୪ରୁ ୨୦୧୪ ମଧ୍ୟରେ ନିଯୁକ୍ତି ସୃଷ୍ଟି ୬ ପ୍ରତିଶତ ଥିବାବେଳେ ଗତ ଦଶନ୍ଧିରେ ଏହା ୧୫ ପ୍ରତିଶତକୁ ବୃଦ୍ଧି ପାଇଛି । ଏନ୍‌ଡିଏ ସରକାରଙ୍କ ଅଧୀନରେ ସେବା କ୍ଷେତ୍ରରେ ନିଯୁକ୍ତି ସୁଯୋଗ ୩୬ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ବେକାରୀ ହାର ୩ ଦଶମିକ ୨ ପ୍ରତିଶତ ହ୍ରାସ ପାଇଛି ।

## ପାକିସ୍ତାନ-ଡିଜାଷ୍ଟର

ପାକିସ୍ତାନରେ ଜୁନ୍ ୨୬ ତାରିଖ ପରଠାରୁ ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ୧୪୦ ଶିଶୁଙ୍କ ସମେତ ୩୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ଏଥିରେ ୭୧୫ରୁ ଅଧିକ ଲୋକ ଆହତ ହୋଇଥିବା କୁହାଯାଇଛି । ପାକିସ୍ତାନର ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକାଶିତ

ରିପୋର୍ଟରେ କୁହାଯାଇଛି ମୃତକଙ୍କ ମଧ୍ୟରେ ୧୪୦ଜଣ ଶିଶୁ, ୧୦୨ଜଣ ପୁରୁଷ ଏବଂ ୫୭ଜଣ ମହିଳା ଅଛନ୍ତି । ବର୍ଷା ଏବଂ ଭୂ-ସ୍ଖଳନ ଯୋଗୁଁ ଏକହଜାର ୬୭୬ଟି ଘର କ୍ଷତିଗ୍ରସ୍ତ ହୋଇଥିବାବେଳେ ୫୬୨ଟି ଘର ସଂପୂର୍ଣ୍ଣ ନଷ୍ଟ ହୋଇଛି । ବର୍ଷା ସମୟରେ ୪୨୮ଟି ପଶୁ ପ୍ରାଣ ହରାଇଛନ୍ତି । ଘର ଭୁଶୁଡିପଡିବା, ପାଣିରେ ବୁଡ଼ିଯିବା, ଭୂସ୍ଖଳନ, ବଜ୍ରପାତ ଏବଂ ବିଦ୍ୟୁତ୍ ଆଘାତ ଯୋଗୁଁ ଏହିସବୁ ମୃତ୍ୟୁ ଘଟିଛି । ପାକିସ୍ତାନ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆଜିଠାରୁ ୭ ତାରିଖ ପର୍ଯ୍ୟନ୍ତ ସେଠାରେ ପ୍ରବଳ ବର୍ଷା, ଘଡ଼ଘଡ଼ି ଓ ପବନ ବହିବା ଅନୁମାନ କରାଯାଇଛି ।

## କ୍ରିକେଟ୍-ଟେଷ୍ଟ

ଓଭାଲଠାରେ ଚାଲିଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ପଞ୍ଚମ ଟେଷ୍ଟର ଆଜି ଶେଷ ଦିନରେ ଇଂଲଣ୍ଡ ୩ଶହ ଅଣଚାଳିଶ ରନ୍‌ରୁ ଦ୍ୱିତୀୟ ଇନିଂସ୍ ଜାରି ରଖିବ । ଭାରତୀୟ ସମୟ ଆଜି ଅପରାହ୍ଣ ୩ଟା ୩୦ମିନିଟ୍‌ରେ ଖେଳ ଆରମ୍ଭ ହେବ । ଆଜିର ମ୍ୟାଚ୍‌ରେ ଇଂଲଣ୍ଡ ବିଜୟ ହାସଲ କରିବା ଲାଗି ୩୫ ରନ୍ ଆବଶ୍ୟକ କରୁଥିବାବେଳେ ଭାରତ ବଲକା ୪ଟି ଓ୍ୱିକେଟ୍ ଅକ୍ତିଆର କରି ବିଜୟ ହାସଲ ପାଇଁ ଚେଷ୍ଟା କରିବ ।

ଗତକାଲି ୩୭୪ ରନ୍‌ର ପିଛାକରି ଇଂଲଣ୍ଡ ୬ ଓ୍ୱିକେଟ୍ ହରାଇ ୩ଶହ ଅଣଚାଳିଶ ରନ୍ ସ୍କୋର କରିଛି । ମହମ୍ମଦ ସିରାଜ ୩ଟି ଓ୍ୱିକେଟ୍

ନେଇଥିବାବେଳେ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ୱିକେଟ୍ ନେଇଛନ୍ତି । ସୂଚନାଯୋଗ୍ୟ ଭାରତ ଦ୍ୱିତୀୟ ଇନିଂସ୍‌ରେ ୩୯୬ରନ୍ କରିଛି । ପ୍ରଥମ ଇନିଂସ୍‌ରେ ଭାରତ ୨୨୪ରନ୍ ଓ ଇଂଲଣ୍ଡ ୨୪୭ରନ୍ କରିଥିଲା । ଏହି ସିରିଜ୍‌ରେ ଭାରତ ୧-୨ରେ ପଛରେ ରହିଛି ।

## କୋଲକାତା ଡୁରାଣ୍ଡ କପ୍

କୋଲକାତାର ବିବେକାନନ୍ଦ ଯୁବଭାରତୀୟ କ୍ରୀଡ଼ାଙ୍ଗନରେ ଡୁରାଣ୍ଡକପ୍ ଅନ୍ତର୍ଗତ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ପଞ୍ଜାବର ନାମଧାରୀ ଫୁଟବଲ କ୍ଲବ ୪/୨ ଗୋଲରେ ଭାରତୀୟ ବାୟୁସେନାକୁ ପରାସ୍ତ କରିଛି । ଗ୍ରୁପ୍-ଏରେ ୨ଟି ମ୍ୟାଚ୍‌ରୁ ୬ ପଏଣ୍ଟ ସହ ନାମଧାରୀ ଏଫ୍‌ସି ଶୀର୍ଷରେ ରହିଥିବାବେଳେ ଭାରତୀୟ ବାୟୁସେନା ୧ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି ।